ସବୁଜ ସାର ନିମନ୍ତେ ଉପଯୋଗୀ ଫସଲ ପ୍ରଦାନ କରୁଥିବା ଯବକ୍ଷାରଜାନର ପରିମାଣ

ସାରଣୀ-୧

ଫସଲ	ମିଶୁଥିବା ସବୁଜ ପଦାର୍ଥ (କ୍ୱି/ହେ)	ମାଟିରେ ଯୋଗ କରୁଥିବା ଯବକ୍ଷାରଜାନ (କ୍ୱି/ହେ)
ଛଣ	୧୦୦୦	୮୪.୦
ଧଣିଚା	୧୮୦	୭୬.୫
ଗୁଆଁର	୧୮୦	୬୧
ଝୁଡ଼ଙ୍ଗ	୧୩୫	୫୬
ବରସିମ୍	୧୪୦	୬୧
ମୁଗ	୭୨	୩୯
ବିରି	୧୦୮	୪୩

ସବୁଜସାର ମୃତ୍ତିକା ଓ ଚାଷୀ

ଗଛପାଇଁ ଆବଶ୍ୟକ ବିଭିନ୍ନ ପ୍ରକାରର ଖାଦ୍ୟସାର ସବୁଜ ସାରରେ ଗଚ୍ଛିତ ହୋଇ ରହିଥାଏ । ତେଣୁ ସାର ଜନିତ ଖର୍ଚ୍ଚକୁ ଏହା ଅନେକ ମାତ୍ରାରେ କମାଇ ଦେବା ସହ ସମନ୍ୱିତ ସାର ପ୍ରୟୋଗରେ ସାହାଯ୍ୟ କରେ । ଏହା ବ୍ୟତୀତ ସବୁଜ ସାର କରିବା ଦ୍ୱାରା ମାଟିର ତଳ ସ୍ତରର ଖାଦ୍ୟ ସହଜଲଭ୍ୟ ହୋଇଯାଏ, ଜଳ ଓ ମୃତ୍ତିକା ସଂରକ୍ଷଣ ହୁଏ, ଅମ୍ଳ ମାଟିର ଅମ୍ଳତା କମ୍ ହୁଏ ଏବଂ ସର୍ବୋପରି ମାଟିରେ ଥିବା ଅଣୁଜୀବମାନଙ୍କ ସାଥୀହୋଇ ମୃତ୍ତିକା ସ୍ୱାସ୍ଥ୍ୟ ଓ ସୁପରିଚାଳନା କରିବାରେ ସାହାଯ୍ୟ କରେ ।

ସବୁଜ ସାର କରିବା ଦ୍ୱାରା ଅମଳରେ ୩୦-୪୦ ପ୍ରତିଶତ ବୃଦ୍ଧି ଘଟିଥାଏ । ତେବେ ସବୁଜ ସାରରୁ ଉପଯୁକ୍ତ ଲାଭ ପାଇବାକୁ ହେଲେ ଫସ୍‌ଫରସ୍‌ଯୁକ୍ତ ସାର ପକାଇବାକୁ ପଡ଼ିବ । ଭବିଷ୍ୟତ ପିଢ଼ି ପାଇଁ ମୃତ୍ତିକା ସୁରକ୍ଷା ଏବଂ ଲାଭ ଚାହୁଁଥିଲେ ବର୍ଷକୁ ଥରେ ଧୈର୍ଯ୍ୟର ସହ ସବୁଜସାର କରିବାକୁ ପଡ଼ିବ ।

"କଲେ ସବୁଜ ସାର, ହସିବ ଚାଷିର ସଂସାର ।
ହେବ ମାଟିର ସୁରକ୍ଷା, ନ କର ଏହାକୁ ଅଣଦେଖା ।"

Published by:
Krishi Vigyan Kendra, Mayurbhanj
At/Po. Shyamakhunta, Mayurbhanj-1Pin: 757049
mayurbhanjkvk@yahoo.co.in / kvkmayurbhanj@rediffmail.com
Visit at: www.kvkmayurbhanj.org.in

ମାକୃଅନୁପ
ICAR

ମୃତ୍ତିକା ରକ୍ଷାକାରୀ ସବୁଜସାର

ଆଲେଖ୍ୟ: ଶୁଚିସ୍ମିତା ମହାପାତ୍ର
ସଂପାଦନା: ସଙ୍ଘମିତ୍ରା ପଟ୍ଟନାୟକ
ସହାୟତା: ଇଂ.ଡ. ଦୀପକ କୁମାର ମହାନ୍ତି
ବିଶ୍ୱରଂଜନ ସାମନ୍ତରାୟ, ଝୁନିଲତା ଭୂୟାଁ
ସଂଜୟ କୁମାର ବାରିକ, ରଘୁନାଥ ପତି

କୃଷି ବିଜ୍ଞାନ କେନ୍ଦ୍ର, ମୟୂରଭଞ୍ଜ-୧
Krishi Vigyan Kendra, Mayurbhanj-1
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
Orissa University of Agriculture & Technology

ମୃତ୍ତିକା ରକ୍ଷାକାରୀ ସବୁଜସାର

ମାଟିର ଉର୍ବରତା ବୃଦ୍ଧି ପାଇଁ ସବୁଜ ସାର ଫସଲ ଚାଷ କରାଯାଇଥାଏ । ମୁଖ୍ୟ ଫସଲ ବୁଣିବାର ପ୍ରାୟ ଦେଢ଼ମାସ ପୂର୍ବରୁ ଜମିରେ ହଳକରି ସବୁଜସାର ଫସଲ ବୁଣାଯାଏ । ଗଛରେ ଫୁଲ ଆସିବାମାତ୍ରେ ଏହାକୁ ହଳକରି ମାଟିରେ ମିଶାଇ ଦିଆଯାଏ । ଚାଷ ପ୍ରଣାଳୀରେ ଛୁଇଁ ବା ଶିମ୍ବଜାତୀୟ ଉଦ୍ଭିଦ ଚାଷକଲେ ଜମିର ଯବକ୍ଷାରଜାନ ସାରର ମାତ୍ରା ବୃଦ୍ଧି ହେବା ଏକ ଚିରାଚରିତ ପ୍ରଥା । ତେବେ ଯବକ୍ଷାରଜାନ ସମ୍ବଳ ବୃଦ୍ଧିହେବା ସଂଗେସଂଗେ ମୃତ୍ତିକାର ସ୍ୱାସ୍ଥ୍ୟ ଓ ଗୁଣ ଉତ୍ତମ ରହେ ।

ସବୁଜସାର କ'ଣ ?

ମୁଖ୍ୟ ଫସଲ ବୁଣିବା କିମ୍ବା ରୋଇବା ପୂର୍ବରୁ କୌଣସି ଗଛକୁ କଅଁଳ ସବୁଜ ଥାଇ ହଳକରି ମାଟିରେ ମିଶାଇବା ପରେ ମାଟିକୁ ଯେଉଁ ଜୈବିକ ଖତ ମିଳିଥାଏ ତାହାକୁ ସବୁଜସାର କୁହାଯାଏ ।

ସବୁଜସାର ପାଇଁ ବ୍ୟବହୃତ ଫସଲ ବା ଗଛ ?

ସବୁଜ ସାର ପାଇଁ ବ୍ୟବହୃତ ଫସଲର ଦ୍ରୁତ ଗତିରେ ବଢ଼ିବା, ବେଶୀ ପରିମାଣର ପତ୍ର ହେବା, ଖରାପ ମାଟିରେ ଭଲଭାବେ ବଢ଼ିବା, ଅଧିକ ମାଟି ତଳକୁ ଯାଇ ପାରୁଥିବା ଚେର ଏବଂ ଅଧିକ ସଂଖ୍ୟ ଚେରଗଣ୍ଠି ଆଦି ବିଶେଷ ଗୁଣମାନ ରହିଥାଏ । ସାଧାରଣତଃ ଛୁଇଁ ବା ଶିମ୍ବଜାତୀୟ ଗଛକୁ ସବୁଜସାର ପାଇଁ ବ୍ୟବହାର କରାଯାଏ ।

ସବୁଜ ସାରର ପ୍ରୟୋଗ ଅନେକ ପ୍ରକାରର ହୋଇଥାଏ । ଫସଲକୁ ଯଥା ସ୍ଥାନରେ ବଢ଼ାଇ ମାଟିରେ ମିଶାଇ ଦିଆଯାଇପାରେ କିମ୍ବା ଜଙ୍ଗଲର କଅଁଳ ପତ୍ର ମଧ୍ୟ ହଳକରିବା ବେଳେ ମାଟିରେ ମିଶାଯାଇପାରେ । ଏଥିପାଇଁ କରଞ୍ଜ ପତ୍ର, ଅର୍ଜ୍ଜୁନ ପତ୍ର ଇତ୍ୟାଦି ଉପଯୋଗୀ । ତେବେ ଯଥା ସ୍ଥାନରେ ଧଣିଚା, ଗ୍ଲାରିସିଡ଼ିଆ, ସୁବାବୁଲ୍, ଗୁଆଁର, ଛଣି, ବିରି ଇତ୍ୟାଦି ଚାଷ କରାଯାଇପାରେ । ଆଜୋଲାକୁ ମଧ୍ୟ ହଳ କଲାବେଳେ ମାଟିରେ ମିଶାଯାଇ ପାରିବ ।

ସବୁଜସାର କରିବା କିପରି ?

ସବୁଜ ସାର ପାଇଁ ଉପଯୁକ୍ତ ଫସଲ ବା ବର୍ଷାଦିନିଆ ଫସଲର ମାସେ କିମ୍ବା ଦେଢ଼ମାସ ପୂର୍ବରୁ ଲଗାଯାଏ । ଏଥିପାଇଁ ହେକ୍ଟର ପିଛା ୩୦କି.ଗ୍ରା. ଧନିଚା, ୪୦ କି.ଗ୍ରା. ବିରି ବା ମୁଗ ଛଟାବୁଣା ପଦ୍ଧତିରେ ଲଗାଯାଏ । ବୁଣିବା ବେଳେ ମାଟିର ବତର ରହିବା ଆବଶ୍ୟକ, ନହେଲେ ଅଳ୍ପ ପାଣି ମଡ଼େଇ ମାଟିକୁ ଉପଯୁକ୍ତ ବତର ଅବସ୍ଥାକୁ ଆଣନ୍ତୁ । ଯେତେବେଳେ ସବୁଜ ଗଛର ଅଧିକ ପତ୍ର ଓ ନରମ କାଣ୍ଡ ଥାଏ ବା ଫୁଲଧରା ସମୟରେ ମଇ ଦେଇ ଗଛକୁ ଶୁଆଇ ଦିଆଯାଏ ଏବଂ ଜମିରେ ଅଳ୍ପ ପାଣି ରଖାଯାଇ ହଳକରି ଗଛକୁ ମାଟିରେ ମିଶାଯାଏ । ଏହାର ଏକ ସପ୍ତାହ ପରେ ପୁଣିଥରେ ଜମିକୁ ଚାଷକରି ପାଣି ମଡ଼ାଇ ଦେଲେ ଏହି ସବୁଜ ପଦାର୍ଥ ୨୫-୩୦ଦିନ ଭିତରେ ସଢ଼ିବା ଆରମ୍ଭ ହୋଇ ତା'ପରେ ଫସଲକୁ ଆବଶ୍ୟକ ପୋଷକ ଉପାଦାନ ଯୋଗାଇ ଦିଏ ।

ସବୁଜସାର ଧଣିଚା

ସବୁଜ ସାର ଫସଲ ହିସାବରେ ଧଣିଚାକୁ ବହୁଳଭାବେ ଚାଷ କରାଯାଇଥାଏ । ମେ-ଜୁନ୍ ମାସରେ ହଳକରି ଏକର ପିଛା ୧୬-୧୮ କିଲୋଗ୍ରାମ୍ ଧଣିଚା ବିହନ ବୁଣାଯାଏ । ବୁଣିବାର ୬ରୁ ୮ସପ୍ତାହ ପରେ ଗଛରେ ଫୁଲ ଆସିବାମାତ୍ରେ ହଳକରି ଏହାକୁ ମାଟିରେ ମିଶାଇ ଦିଆଯାଏ । ଏହା ପରେ ଏହି ଜମିରେ ଧାନରୁଆ ଯାଇଥାଏ । ବୁଣା ଧାନରେ ବିହନ ସହିତ ମିଶାଇ ଧଣିଚା ବୁଣାଯାଇପାରେ । ବେଉଷଣ ବେଳେ ହଳ କରିଦେଲେ ଏହା ମାଟିରେ ମିଶି ଯାଇଥାଏ ।

ଧଣିଚାର ଉପକାରିତା:

- ମାଟିରେ ଜୈବିକ ପଦାର୍ଥ ମିଶିବା ଫଳରେ ମାଟିର ଭୌତିକ ଅବସ୍ଥାରେ ଉନ୍ନତି ଘଟିଥାଏ ।
- ଡାଲିଜାତୀୟ ଫସଲ ବୁଣିବା ଦ୍ୱାରା ଯବକ୍ଷାରଜାନ ବିବନ୍ଧନ ହୁଏ । ଫଳରେ ମାଟିକୁ ଅଧିକ ଯବକ୍ଷାର ସାର ମିଳିଥାଏ ।
- ମାଟିର ଉର୍ବରତା ବୃଦ୍ଧିପାଏ । ତେଣୁ ଫସଲରେ ରାସାୟନିକ ସାର ବ୍ୟବହାର ଆବଶ୍ୟକତା ହ୍ରାସ ପାଏ ।
- ଫସଲରୁ ଅଧିକ ଅମଳ ମିଳିଥାଏ ।

ରୁଆ ଧାନ ପାଇଁ ମେ ମାସରେ ଏକରପ୍ରତି ୮-୧୦କିଗ୍ରା ଧଣିଚା ବିହନ ବୁଣାଯାଇପାରିବ । ଧାନ ରୋଇବା ପୂର୍ବରୁ ଏହାକୁ ହଳକରି ମାଟିରେ ମିଶାଇଦେଲେ ଜମି ଉର୍ବର ହୋଇଥାଏ । ବୁଣା ଜମିରେ ଧାନ ସହିତ ମିଶାଇ ଏକର ପ୍ରତି ୮-୧୦କିଗ୍ରା ଧଣିଚା ବୁଣନ୍ତୁ । ବେଉଷଣ ବେଳେ ହଳ କରିବାଦ୍ୱାରା ଏହା ମାଟିରେ ମିଶିଯିବ ।